# REGIONAL NEWS UNIT, AIR CUTTACK

**Morning Bulletin (7.05 AM)**

**28 December – 2025**

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ହେଉଛି ମାସିକ ମନ୍ କୀ ବାତ୍ କାର୍ଯ୍ୟକ୍ରମର ୧୨୯ତମ ସଂସ୍କରଣ । ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ।

ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମନ୍ କୀ ବାତ୍ କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ଆଞ୍ଚଳିକ ଭାଷାରେ ଏହାର ଭାଷାନ୍ତର ପୁଣିଥରେ ରାତି ୮ଟାରେ ପ୍ରସାରଣ କରାଯିବ।

# ମୁଖ୍ୟମନ୍ତ୍ରୀ

ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସୃଷ୍ଟି ତଥା ସାନ୍ତାଳୀ ଭାଷା ସାହିତ୍ୟ 'ଅଲିଚିକି' ଲିପିର ପ୍ରସାର ବର୍ତ୍ତମାନ ସହ ପରିଚୟ କରାଉଛି ଏବଂ ଭବିଷ୍ୟତ ପାଇଁ ବିଚାର କରିବାକୁ ପ୍ରେରଣା ଯୋଗାଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । କେନ୍ଦୁଝରର ସିଲିସୁଆଁଠାରେ ଅଲିଚିକି ଲିପିର ଶତବାର୍ଷିକୀ ପୂର୍ତ୍ତି କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଛନ୍ତି, ସାନ୍ତାଳୀ ଭାଷା ସହିତ ରାଜ୍ୟ ସରକାର ହୋ, ମୁଣ୍ଡାରୀ, ଗାଦବା, କୁଇ, ଓରାଓଁ ଭଳି ଅନେକ ଆଦିବାସୀ ଭାଷାର ପ୍ରସାର ପାଇଁ କାର୍ଯ୍ୟ କରୁଛନ୍ତି । ୨୦୦୩ ମସିହାରେ କେନ୍ଦ୍ର ସରକାର ସାନ୍ତାଳୀ ଭାଷାକୁ ସମ୍ବିଧାନରେ ସାମିଲ କରିଥିଲେ ।

# ଧନୁଯାତ୍ରା-ସୂର୍ଯ୍ୟବଂଶୀ ସୂରଜ

ସ୍ୱାଧୀନତାର ଅନୁଭବକୁ ଉତ୍ସବରେ ପରିବର୍ତ୍ତିତ କରିବାରେ ଧନୁଯାତ୍ରା ମହୋତ୍ସବର ଏକ ଅଭିନବ ପରିକଳ୍ପନା ବିଶ୍ୱବାସୀଙ୍କୁ ଚକିତ କରିଛି ବୋଲି ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି । ବରଗଡ ଧନୁଯାତ୍ରାର ଚତୁର୍ଥ ସନ୍ଧ୍ୟାରେ ଗତକାଲି ଯୋଗଦେଇ ସେ କହିଛନ୍ତି, ଏହି ଯାତ୍ରା ମାଧ୍ୟମରେ ଧର୍ମ ସଂସ୍ଥାପନା ସହ ଓଡିଆ ଅସ୍ମିତାର ଜୟଯାତ୍ରା ହୋଇଥାଏ । ଚଳିତବର୍ଷ ଧନୁଯାତ୍ରା ମହୋତ୍ସବ ପାଇଁ ଆର୍ଥିକ ସହାୟତା ରାଶି ୧କୋଟିରୁ ଦେଢ କୋଟିକୁ ବୃଦ୍ଧି କରାଯାଇଛି ଏବଂ ଦୁଇ

ଶହ ଜନକଳାକାରଙ୍କୁ କଳାକାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ବୋଲି ସେ କହିଛନ୍ତି ।

## ବରଗଡ ଧନୁଯାତ୍ରା

ବରଗଡ଼ର ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାର ପଞ୍ଚମ ଦିବସରେ ଆଜି ଜରାସନ୍ଧ ସହ ଯୁଦ୍ଧ, ହେତି-ପ୍ରହେତିଙ୍କ ବିବାହ, ରାକ୍ଷସ- ରାକ୍ଷସୀଙ୍କ ନିଧନ ଖବର, କାଳିଆ ଦଳନ, ବିଶ୍ୱରୂପ ଦର୍ଶନ ଆଦି କାର୍ଯ୍ୟକ୍ରମ ଅଭିନୀତ ହେବ। ଚତୁର୍ଥ ଦିବସରେ ଗତକାଲି ବାଣାସୁର ପରାଜୟ ଓ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ଅଭିନୀତ ହୋଇଥିଲା। କୃଷ୍ଣଙ୍କ ବାଲ୍ୟଲୀଳା ଦୃଶ୍ୟାଭିନୟ ଦେଖିବା ପାଇଁ ଗୋପପୁରରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା ।

ପୌରାଣିକ କଥାବସ୍ତୁର ପ୍ରତ୍ୟେକ ଚରିତ୍ର ଜୀବନ୍ତ ଭୂମିକାରେ ଅଭିନୟ କରି ଲୋକଙ୍କୁ ଦ୍ୱାପର ଯୁଗକୁ ଫେରାଇ ନେବା ପାଇଁ ଏହି ବରଗଡ଼ ଧନୁଯାତ୍ରାରେ ଗତ ୭୭ବର୍ଷ ଧରି ଆୟୋଜନ କରାଯାଉଛି । ଧନୁଯାତ୍ରା ଉପଲକ୍ଷେ ୧୧ ଦିନ ପାଇଁ ବରଗଡ଼ ସହର 'ମଥୁରା' ଏବଂ ଅମ୍ବାପଲ୍ଲି ଅଞ୍ଚଳକୁ 'ଗୋପପୁର' କରାଯାଇଛି ।

## ଇ-ଚାଲାଣ

ଜନସାଧାରଣଙ୍କୁ ଅଧିକ ସୁବିଧା ଯୋଗାଇଦେବା ଉଦ୍ଦେଶ୍ୟରେ ଓଡ଼ିଶା ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ଇ-ଚାଲାଣ ଦେୟ ଉଭୟ ଅନଲାଇନ୍ ଏବଂ ଅଫ୍‌ଲାଇନ୍‌ରେ ପୈଠ କରାଯାଇପାରିବ ବୋଲି ସୂଚନା ଦିଆଯାଇଛି ।

ଆଞ୍ଚଳିକ ପରିବହନ ଅଧିକାରୀ ଆର୍.ଟି.ଓ'ମାନଙ୍କୁ ଏ ସମ୍ପର୍କରେ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଭାବେ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯିବ। ମୋବାଇଲ ନମ୍ବର ସଠିକ୍ ନ ଥିବା ଯୋଗୁଁ ଓଟିପି ପାଉ ନ ଥିବା ଗାଡ଼ି ମାଲିକ ଓ ଇଣ୍ଟରନେଟ୍ ସେବା ଦୁର୍ବଳ ଥିବା ଅଞ୍ଚଳର ଲୋକଙ୍କ ପାଇଁ ଏହି ନିଷ୍ପତ୍ତି ସହାୟକ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ଘୁମୁରା-୨୦୨୬

କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୬ ଆସନ୍ତାମାସ ୧୪ରୁ ୧୭ତାରିଖ ପର୍ଯ୍ୟନ୍ତ ଭବାନୀପାଟଣା ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମଠାରେ ଏବଂ ୧୫ରୁ ୧୭ତାରିଖ ପର୍ଯ୍ୟନ୍ତ ଧର୍ମଗଡ ଉତ୍ସବ ପଡିଆଠାରେ ଅନୁଷ୍ଠିତ ହେବ । ଏହି ଅବସରରେ ଭବାନୀପାଟଣା ଠାରେ ଜିଲ୍ଲାପାଳ ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଗ୍ରାମପଞ୍ଚାୟତ ସ୍ତରୀୟ ଉଦ୍‌ଘାଟନୀ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ଘୁମୁରା ଲୋଗୋ ଓ ପୋଷ୍ଟର ଉନ୍ମୋଚନ କରାଯାଇଥିଲା ।

## ପଲ୍ଲୀଶ୍ରୀ ମେଳା

ନୟାଗଡ ଜିଲ୍ଲା ମଧୁବନ ମିନି ଷ୍ଟାଡିୟମଠାରେ ଖଣ୍ଡପଡା କଳା ବିକାଶ ପରିଷଦ ଆନୁକୂଲ୍ୟରେ ଆୟୋଜିତ ଦଶମ ଖଣ୍ଡପଡା ମହୋତ୍ସବ ପଲ୍ଲିଶ୍ରୀ ମେଳାକୁ ବିଧାନସଭା ବାଚସ୍ପତି ସୁରମା ପାଢୀ ଉଦ୍‌ଘାଟନ କରିଛନ୍ତି ।

ଏହି କାର୍ଯ୍ୟକ୍ରମ ଦ୍ୱାରା ଖଣ୍ଡପଡା ଅଞ୍ଚଳର କଳା ଓ ସଂସ୍କୃତି ଉଦ୍‌ଜୀବିତ ରହିବା ସହ ଲୋକମାନଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରିପାରିବ ବୋଲି ଶ୍ରୀମତୀ ପାଢୀ କହିଛନ୍ତି ।

## ପାଣିପାଗ

ରାଜ୍ୟରେ ଶୀତଲହରୀ ଜାରି ରହିଛି । କନ୍ଧମାଳ ଜି. ଉଦୟଗିରିଠାରେ ଗତକାଲି ରାତି ତାପମାତ୍ରା ସର୍ବନିମ୍ନ ୪ଦଶମିକ ୪ଡିଗ୍ରୀ ରହିଥିବା ବେଳେ ଦାରିଙ୍ଗବାଡିରେ ୬ଡିଗ୍ରୀ, ଫୁଲବାଣୀରେ ୬ଦଶମିକ ୪ଡିଗ୍ରୀ, କୋରାପୁଟ୍‌ରେ ୬ଦଶମିକ ୬ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି ।

ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଚଳିତ ମାସ ଶେଷ ପର୍ଯ୍ୟନ୍ତ ରାତି ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। ରାଜ୍ୟର ଦକ୍ଷିଣ, ଉତ୍ତର, ପଶ୍ଚିମ ଏବଂ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ରାତିର ସ୍ୱାଭାବିକ ସର୍ବନିମ୍ନ ତାପମାତ୍ରାଠାରୁ ଏକ କିମ୍ବା ଦୁଇ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବାର ସମ୍ଭାବନା ରହିଛି।